## ଫାରମ II

( ନିୟମ 7 ଦ୍ରଷ୍ଟବ୍ୟ )

## ଦାବି ଓ ଆପତ୍ତି ଦାଏର କରିବା ପାଇଁ ନୋଟିସ୍

ବୀରମିତ୍ରପୁର . . . . ପୌର ପାଳିକା / ~~ଅଧିସୂଚିତ କ୍ଷେତ୍ର ପରିଷଦ~~ର ୱାର୍ଡ ନଂ . ୦୧ ରୁ ୧୧ . . ର ଭୋଟଦାତା ମାନଙ୍କର ପ୍ରାଥମିକ ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଯଥାବିଧି ପ୍ରକାଶ କରାଯାଇଅଛି ।

ଯେଉଁ ବ୍ୟକ୍ତିଙ୍କ ବୟସ ତା ୦୧-୦୧-୨୦୨୨ . .ରିଖ ଦିନ ୧୮ ବର୍ଷରୁ କମ୍ ହୋଇନଥିବ ଏବଂ ସେ ଭୋଟଦାତା ହେବାପାଇଁ ଅନ୍ୟଥା ଅଯୋଗ୍ୟ ହୋଇନଥିବେ, ସେ ତାଙ୍କ ନାମ ଏହି ତାଲିକାରେ ଦରଜ କରାଇବାକୁ ହକ୍‌ଦାର ହେବେ ।

ଯେଉଁ ବ୍ୟକ୍ତି ଏହି ତାଲିକାରେ ତାଙ୍କ ନାମ ଦରଜ କରାହେବାପାଇଁ ଦାବି କରୁଥିବେ ଏବଂ ଯାହାଙ୍କ ନାମ ଏଥିରେ ଦରଜ କରାଯାଇନଥିବ କିମ୍ବା ସଠିକ୍ ସ୍ଥାନରେ ଦରଜ କରାଯାଇନଥିବ ବା ଭୁଲ୍ ବିବରଣୀ ସହ କରାଯାଇଥିବ, ସେ ତାଙ୍କ ନାମ ଦରଜ କରାଇବା ପାଇଁ ବା ତାଲିକା ସଂଶୋଧନ କରାଇବା ପାଇଁ ନିର୍ବାଚନ ଅଧିକାରୀଙ୍କ ଠାରେ ତାଙ୍କର ଦାବି ଉପସ୍ଥାପନ କରିପାରିବେ ।

ଯେଉଁ ବ୍ୟକ୍ତିଙ୍କ ନାମ ଏହି ତାଲିକାଭୁକ୍ତ ହୋଇଥିବ ଏବଂ ତାଙ୍କର ତାଲିକାଭୁକ୍ତ ନାମର ସଠିକତା ସଂକ୍ରାନ୍ତରେ ଆପତ୍ତି କରିବାକୁ ଥିବ ବା ତାଙ୍କ ନିଜ ନାମ କିମ୍ବା ତାଲିକାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିବା ସମ୍ବନ୍ଧରେ ଆପତ୍ତି କରାଇବାକୁ ଥିବ, ସେ ତାଙ୍କର ଆପତ୍ତି ନିର୍ବାଚନ ଅଧିକାରୀଙ୍କ ଠାରେ ଦାଖଲ କରିପାରିବେ ।

ଦାବିଗୁଡିକ ଫାରମ III ଓ ଆପତ୍ତିଗୁଡିକ ଫାରମ IVରେ ଦାଖଲ କରାଯିବ । ଦରଖାସ୍ତକାରୀଙ୍କୁ ଫାରମଗୁଡିକର କପି ବିନାମୂଲ୍ୟରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଯୋଗାଇ ଦିଆଯିବ ।

ଦାବି ଓ ଆପତ୍ତି ଗୁଡିକ ବ୍ୟକ୍ତିଗତ ଭାବେ ଦାଖଲ କରାଯାଇ ପାରିବ କିମ୍ବା ଡାକଯୋଗେ ବା ବାର୍ତ୍ତାବାହକଙ୍କ ଦ୍ୱାରା ପଠାଯାଇ ପାରିବ । ସମସ୍ତ କ୍ଷେତ୍ରରେ ଏଗୁଡିକ ନିର୍ବାଚନ ଅଧିକାରୀଙ୍କ ଏହି ଠିକଣାରେ . ନିର୍ବାଚନ . . ଅଧିକାରୀ . . . . ବୀରମିତ୍ରପୁର . . ପୌରପାଳିକା . . , ବୀରମିତ୍ରପୁର . . . . . . . . . . . . . . . . . . . . . . . . . . . . . . (ଛୁଟିଦିନ ବ୍ୟତୀତ) . . . . . (ବିଶଦ ଠିକଣା ପ୍ରଦାନ କରନ୍ତୁ) ତା ୧୨-୦୨-୨୦୨୨ . . . . ରିଖ ସୁଦ୍ଧା କାର୍ଯ୍ୟ ଦିବସ୍‌ର ଧାର୍ଯ୍ୟ ସମୟ ମଧ୍ୟରେ ପହଞ୍ଚିବା ଆବଶ୍ୟକ ।

ବ୍ୟକ୍ତିଗତଭାବେ ଅଥବା ବାର୍ତ୍ତାବାହକଙ୍କ ଦ୍ୱାରା ଦାଖଲ କାର୍ଯ୍ୟ କେବଳ କାର୍ଯ୍ୟ ଦିବସର ଧାର୍ଯ୍ୟ ସମୟ ମଧ୍ୟରେ କରାଯିବ ।

ଯେଉଁ ଦାବି ଓ ଆପତ୍ତିମାନ ଉପଯୁକ୍ତ ଫାରମରେ ଦାଖଲ କରାଯାଇନଥିବ କିମ୍ବା ଉପରୋକ୍ତ ତାରିଖ ଓ ସମୟ ମଧ୍ୟରେ କରାଯାଇନଥିବ, ସେଗୁଡିକୁ ଅଗ୍ରାହ୍ୟ କରାଯିବ ।

ଯଥାସମୟରେ ଓ ଉଚିତ୍ର ଫାରମ ମାଧ୍ୟମରେ ପ୍ରାପ୍ତ ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ତା ୫-୦୨-୨୦୨୨ ପୂର୍ବାହ୍ନ ୧୧.୦ ଘଣ୍ଟା . . . . ରିଖରେ . ବୀରମିତ୍ରପୁର . ପୌରପାଳିକା ସ୍ଥାନରେ କରାହେବ ।

ନିର୍ବାଚନ ଅଧିକାରୀ
ନିର୍ବାଚନ ଅଧିକାରୀ
ବୀରମିତ୍ରପୁର ପୌରପାଳିକା ତଥା-
ଉପଜିଲ୍ଲାପାଳ, ପାନପୋଷ
ତାରିଖ . . . . . . . . . . . .

OGP--MP--PTS-U5 (S.E.C.) 2-20,000-21-4-2018